ଗ୍ରାମୀଣ କୃଷି ମୌସମ ସେବା

ଭାରତ ପାଣିପାଗ ବିଭାଗ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା -୧୫ (ଓଡ଼ିଆ ବୁଲେଟିନ୍) ସପ୍ତାହ - ୦୮ ତାରିଖ: ୨୦.୦୨.୨୦୨୪

# ବରଗଡ଼

ଭାରତ ପାଣିପାଗ ବିଜ୍ଞାନ ବିଭାଗ,ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ଅନୁଯାୟୀ ଆସନ୍ତା ସପ୍ତାହରେ ବର୍ଷା ହେବାର ସମ୍ଭାବନା କମ ଅଛି କିନ୍ତୁ ଏହି ସମୟ ଅବଧିରେ ଆକାଶ ପ୍ରଥମ କିଛି ଦିନ ଆଂଶିକ ସଫା ଏବଂ ତା'ପରେ ଆଂଶିକ ରୁ ସାଧାରଣତଃ ମେଘାଚ୍ଛନ୍ନ ରହିପାରେ । ଆସନ୍ତା ୫ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୨ ରୁ ୩୩ ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୧୮ ରୁ ୨୦ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରହିବାର ସମ୍ଭାବନା ରହିଅଛି। ଆସନ୍ତା ସପ୍ତାହରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୩୩% ରୁ ୪୩% ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୬% ରୁ ୧୭% ମଧ୍ୟରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ମଧ୍ୟରେ ୧୦ ରୁ ୧୩ କି.ମି. ପ୍ରତି ଘଣ୍ଟା ବେଗରେ ଉତ୍ତର ପଶ୍ଚିମ କିମ୍ବା ଦକ୍ଷିଣ ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି ।

| ତାରିଖ | ୨୧-୦୨-୨୦୨୪ | ୨୨-୦୨-୨୦୨୪ | ୨୩-୦୨-୨୦୨୪ | ୨୪-୦୨-୨୦୨୪ | ୨୫-୦୨-୨୦୨୪ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | ୦ | ୦ | ୦ | ୦ | ୦ |
| ସର୍ବାଧିକ ତାପମାତ୍ରା (° ସେଣ୍ଟିଗ୍ରେଡ) | ୩୩ | ୩୩ | ୩୨ | ୩୨ | ୩୨ |
| ସର୍ବନିମ୍ନ ତାପମାତ୍ରା (° ସେଣ୍ଟିଗ୍ରେଡ) | ୨୦ | ୨୦ | ୧୯ | ୧୯ | ୧୮ |
| ସମ୍ପୂର୍ଣ ମେଘ ଆବରଣ(ଓକଟା) | ୧ | ୨ | ୪ | ୫ | ୫ |
| ସର୍ବାଧିକ ଆପେକ୍ଷିକ ଆଦ୍ରତା (ଶତକଡା %) | ୩୩ | ୪୨ | ୩୩ | ୪୩ | ୪୨ |
| ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ଶତକଡା %) | ୧୬ | ୧୬ | ୧୭ | ୧୭ | ୧୭ |
| ପବନ ବେଗ (କିମି/ଘଣ୍ଟା ପ୍ରତି) | ୧୦ | ୧୩ | ୧୩ | ୧୨ | ୧୧ |
| ପବନ ଦିଗ (ଡିଗ୍ରୀ) | ୨୮୯ | ୨୪୮ | ୨୭୯ | ୨୯୨ | ୨୯୨ |

ଅଧିକ ଜାଣିବା ପାଇଁ , ଭାରତୀୟ ପାଣିପାଗ ବିଭାଗ , ଭୁବନେଶ୍ୱର, ଟେଲିଫୋନ # ୦୬୭୪-୨୫୯୬୧୧୬ ରେ ଯୋଗାଯୋଗ କରନ୍ତୁ

## ସାଧାରଣ ଉପଦେଶ

- ଭାରତ ପାଣିପାଗ ବିଜ୍ଞାନ ବିଭାଗର ବିସ୍ତାରିତ ପାଣିପାଗ ପୂର୍ବାନୁମାନ ଅନୁଯାଇ ଆଗାମୀ ୫ ଦିନ ପରବର୍ତୀ ସପ୍ତାହରେ (୨୫ ଫେବ୍ରୁୟାରୀ ରୁ ୦୨ ମାର୍ଚ୍ଚ, ୨୦୨୪) ଓଡିଶାରେ ବର୍ଷାର ସ୍ଥିତି ସ୍ୱଭାବିକରୁ ଅଧିକ ରହିବା ସହିତ ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ସ୍ୱଭାବିକରୁ କମ ଓ ସ୍ବାଭାବିକ ରହିବାର ସମ୍ଭାବନା ଅଛି ତେଣୁ ଯେକୌଣସି ପ୍ରକାରର ଔଷଧର ପ୍ରୟୋଗ ଏହି ସପ୍ତାହ ଭିତରେ କରିବାକୁ ପରାମର୍ଶ ଦିଆଯାଇଅଛି ।
- ଗ୍ରୀଷ୍ମକାଳିନ ପନିପରିବା ଯେପରିକି କଖାରୁ ଜାତୀୟ ପରିବା, ଟମାଟର, ଲଂକା ଇତ୍ୟଦୀ ଚାଷ ପାଇଁ ନର୍ସରୀରେ ବିହନ ବୁଣା ଏବଂ ଭେଣ୍ଡି ଚାଷ ପାଇଁ ଖେତକୁ ଯୋଚିବା କାର୍ଯ୍ୟ ପ୍ରାରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି ।
- ବର୍ତ୍ତମାନ ପାଣିପାଗର ଯେଉଁ ସ୍ଥିତି ରହିଅଛି ତାହା ଫସଲରେ ରୋଗ ପୋକ ଆକ୍ରମଣ ପାଇଁ ଅନୁକୁଳ ଅଟେ ତେଣୁ ଏହାର ନିୟମିତ ନିରୀକ୍ଷଣ କରନ୍ତୁ ।

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଆ ଧାନ | ରୋପଣ ଅବସ୍ଥା | ୨୧ ରୁ ୨୫ ଦିନ କିମ୍ବା ତା'ଠୁ ଅଧିକ ଦିନ ପୁରୁଣା ତଳିର ରୋପଣ କାର୍ଯ୍ୟ ପ୍ରାରମ୍ଭ କରିଦେବାକୁ ପରାମର୍ଶ ଦିଆଯାଉଛି । ଚାଷୀ ଭାଇମାନେ ଘାସମରା ଔଷଧ ହିସାବରେ ବେନସଲଫ୍ୟୁରାନ ମିଥାଇଲ @ ୪ କିଲୋ ପ୍ରତି ଏକର ସହିତ ପ୍ରେଟିଲାକ୍ଲୋରକୁ ମିଶାଇ ଧାନ ରୁଆର ୫ ରୁ ୮ ଦିନ ମଧ୍ୟରେ କିମ୍ବା ୫ ଗ୍ରାମ ପାଇରାଜୋସଲଫ୍ୟୁରାନ ଇଥାଇଲ ୧୦% wp କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ରୋଇବାର ୩ ରୁ ୫ ଦିନ ମଧ୍ୟରେ କିମ୍ବା ବିସ୍ପାରିବେକ୍ ସୋଡିଅମର ୧୨୦ ମିଲୀ କୁ ୧୪୦ ଲିଟର ପାଣିରେ ମିଶାଇ ଏକର ପିଛା ରୋଇବାର ୧୦ ରୁ ୧୫ ଦିନ ମଧ୍ୟରେ ଶୁଷ୍କ ପାଗକୁ ଦେଖି ସିଂଚନ କରନ୍ତୁ । |
| ମୁଗ ଏବଂ ବିରି | ପୁଷ୍ପ ଏବଂ ଫଳ | ଆସନ୍ତା ସପ୍ତାହରେ ବର୍ଷା ହେବାର ସମ୍ଭାବନା କମ ଅଛି ତେଣୁ ମୁଗ ଓ ବିରି ଖେତରେ ମାଟିର ଆର୍ଦ୍ରତା ବଜାୟ ରଖିବାକୁ |

| | | |
|---|---|---|
| | ଅବସ୍ଥା | ପରାମର୍ଶ ଦିଆଯାଇଅଛି କାରଣ ଏହି ଅବସ୍ଥାରେ ଜଳ ଅଭାବରୁ ଫୁଲ ଓ ଫଳ ଝଡିବାର ସମ୍ଭାବନା ବଢ଼ିଯାଏ । ଯଦି ମୁଗ ଓ ବିରି ଜାତୀୟ ଫସଲରେ ସାହେବୀ ରୋଗର ଲକ୍ଷଣ ଦେଖାଯାଏ ଯାହାକି ଧଳା ମାଛି ଦ୍ବାରା ବ୍ୟାପିଥାଏ ତେଣୁ ଧଳା ମାଛିର ନିୟନ୍ତ୍ରଣ ପାଇଁ ପ୍ରତି ଏକର ପିଛା ୪୦ ଗ୍ରାମ ଏସିଟାମିପ୍ରିଡକୁ ୨୦୦ ରୁ ୨୫୦ ଲିଟର ପାଣିରେ ମିଶାଇ ବର୍ଷା ଛାଡ଼ିଲା ପରେ ଶୁଷ୍କ ପାଗକୁ ଦେଖି ଖେତରେ ପ୍ରୟୋଗ କରନ୍ତୁ । |
| ରାଶି | ବିହନ ବୁଣିବା / ବନସ୍ପତି ବିକାସ | ଏକର ପିଛା ୨ ରୁ ୨.୫ କିଲୋ ବିହନ ହିସାବରେ ରାଶିର ବୁଣା କାର୍ଯ୍ୟ ପ୍ରାରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି । ବିହନ ବୁଣିବା ପୂର୍ବରୁ ୨ ଗ୍ରାମ ବାଭିଷ୍ଟିନ କୁ ପ୍ରତି କିଲୋ ବିହନ ହିସାବରେ ବିଶୋଧନ କରନ୍ତୁ ଏବଂ ଏହାର ବିହନର ଆକାର ଛୋଟ ହୋଇଥିବାରୁ ବୁଣିବା ସମୟରେ ବିହନରେ ବାଲି କିମ୍ବା ମାଟି ମିଶାଇ ଧାଡ଼ିରେ ବୁଣନ୍ତୁ । ରାଶି ପାଇଁ ଉପଯୁକ୍ତ ସାରର ମାତ୍ରା ହେଲା ୩୦:୨୦:୨୦ NPK କିଲୋଗ୍ରାମ ପ୍ରତି ହେକ୍ଟର ଏବଂ ସମ୍ପୂର୍ଣ୍ଣ P, K ଏବଂ N ର ଅଧାକୁ ଗଛ ଲଗେଇବା ସମୟରେ ଅବଶିଷ୍ଟ N କୁ ପ୍ରଥମ କୁଡା ଖୋସା ଏବଂ ଘାସ ସଫା କରିବା ସମୟରେ ପ୍ରୟୋଗ କରନ୍ତୁ । ଗଛ ୧୫ ଦିନ ହୋଇଯିବା ପାରେ ସେଥିରେ ପ୍ରଥମ କୁଡା ଖୋସା, ଘାସ ସଫା ଏବଂ ଘନ ହୋଇଯାଇଥିବା ଗଛକୁ ଉପାଡିବା କାର୍ଯ୍ୟ କରାଯିବା ଉଚିତ । ୪ ରୁ ୫ ପତ୍ର ହୋଇଥିବା ଅବସ୍ଥାରେ ମାଟିରେ ଆର୍ଦ୍ରତା ରହିବା ଦରକାର ତେଣୁ ସେଥିରେ ଗୋଟେ ଜଳସେଚନ ଦେବା ପାଇଁ ପରାମର୍ଶ ଦିଆଯାଇଅଛି । |
| ଚିନାବାଦାମ | ବନସ୍ପତି ବିକାସ | ବିହନ ବୁଣିବାର ୧୫ ଦିନ ମଧ୍ୟରେ ଘାସମରା ଔଷଧ ଭାବରେ ୩ ମିଲି ଇମାଯେଥାପିରକୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି ପ୍ରୟୋଗ କରିପାରିବେ । |
| ଆମ୍ବ | ପୁଷ୍ପ ଏବଂ ସୋରିଷ ଆକାରର ଫଳ ଅବସ୍ଥା | ଆମ୍ବ ଗଛରେ ଆମ୍ବ ହପରକୁ ନିୟନ୍ତ୍ରଣ କରିବା ପାଇଁ ୧ ଗ୍ରାମ୍ ଏସିଫେଟ୍ କିମ୍ବା ୦.୫ ମିଲି କ୍ଲୋରୋପାଇରିଫସ୍ କିମ୍ବା ୦.୩ ରୁ ୦.୪ ଗ୍ରାମ ଥାଇଓମିଥୋକ୍ସାମକୁ ପ୍ରତି ଲିଟର ପାଣିରେ ମିଶାଇ ଗଛରେ ପ୍ରୟୋଗ କରିବାକୁ ପରାମର୍ଶ ପରାମର୍ଶ ଦିଆଯାଇଅଛି । ପୂର୍ଣ୍ଣତଃ ଫୁଲ ଫୁଟିବା ସମୟରେ କୀଟନାଶକ ଔଷଧର ବ୍ୟବହାର ଅଧିକ ଜରୁରୀ ନ ହେଲେ ସ୍ଥଗିତ ରଖିବା ଉଚିତ କାରଣ ଏହା ଉପକାରୀ କୀଟଙ୍କ ସଂଖ୍ୟାକୁ ହ୍ରାସ କରିପାରେ ଯାହା ପରାଗଣରେ ସାହାଯ୍ୟ କରିଥାଏ । ଆମ୍ବ ଗଛରେ ଧଳା ପାଉଡରର ସ୍ତର ଲାଗିରହିଲା ପରି ରୋଗର ଲକ୍ଷଣ ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ ୨ ଗ୍ରାମ ଦ୍ରବୀଭୂତ ସଲଫରକୁ ପ୍ରତି ଲିଟର ପାଣିରେ ମିଶାଇ ଆକାଶ ସଫା ଥିବା ସମୟରେ ଗଛରେ ପ୍ରୟୋଗ କରାନ୍ତୁ । ଯଦି ଆମ୍ବ ଗଛରେ ଫଳ ସୋରିଷ ଆକାରର ହୋଇଗଲାଣି ସେଥିରେ ୨ ପ୍ରତିଶତ KNO3 ର ପ୍ରୟୋଗ କରିପାରିବେ କାରଣ ଏହା ଆଗକୁ ଫଳର ଆକାର ବୃଦ୍ଧି କରିବାରେ ସହାୟକ ହୋଇଥାଏ । |
| ଟମାଟର | ଗଛ ଲଗେଇବା / ବନସ୍ପତି ବିକାସ | ଗ୍ରୀଷ୍ମକାଳିନ ଟୋମାଟୋ ଚାଷ ପାଇଁ ୨୫ ରୁ ୩୦ ଦିନ ପୁରୁଣା ଗଛର ରୋପଣ କାର୍ଯ୍ୟ ପ୍ରାରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି । ଆସନ୍ତା ସପ୍ତାହରେ ବର୍ଷାର ସମ୍ଭାବନାକୁ କମ ଅଛି ତେଣୁ ଯେଉଁ ଗଛଗୁଡା ବନସ୍ପତି ବିକାସ ସ୍ତରରେ ଅଛି ସେଥିରେ କୁଡା ଖୋସା ଏବଂ ଘାସ ଉପାଡିବା କାର୍ଯ୍ୟ ସହିତ ଜଳସେଚନର ମଧ ଉଚିତ ପ୍ରବନ୍ଧ କରିବାକୁ ପରାମର୍ଶ ଦିଆଯାଇଅଛି । |
| ଗାଈ | ପଶୁମାନଙ୍କୁ ଖୁରା ରୋଗ, HS ଏବଂ BQ ରୋଗର ସଂକ୍ରମଣରୁ ରକ୍ଷା କରିବା ପାଇଁ ଏହାର ଟୀକାକରଣ ନିଶ୍ଚୟ କରାନ୍ତୁ । ଗୁହାଳକୁ ସବୁବେଳେ ସଫା ଏବଂ ଶୁଖିଲା ରଖନ୍ତୁ ଯାହାଦ୍ୱାରା ପଶୁମାନେ ରୋଗ ଓ ପୋକ ଜୋକ ରୁ ସୁରକ୍ଷିତ ରହିବେ ଏବଂ ରୋଗିଣା ପଶୁମାନଙ୍କୁ ସୁସ୍ଥ ପଶୁମାନଙ୍କଠୁ ଅଲଗା ରଖନ୍ତୁ । | |


| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR & Nodal Officer**<br>**RRTTS, Chiplima** |



କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।

ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ଉଭୟ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ମେଘଦୂତ ମୋବାଇଲ ଆପ ରେ ଉପଲବ୍ଧ ଅଛି ଏବଂ ତଳେ ଦିଆଯାଇଥିବା ଲିଙ୍କ ରେ ଏହି ଆପଟିକୁ ଡାଉନଲୋଡ କରିପାରିବେ। (https://play.gooogle.com/store/apps/details?id=com.aas.meghdoot)

କୃଷକ ଭାଇମାନେ ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ କୁ ଅନୁସରଣ କରନ୍ତୁ ଏବଂ ତଳେ ଦିଆଯାଇଥିବା ଲିଙ୍କ ରେ ଏହି ଆପଟିକୁ ଡାଉନଲୋଡ କରିପାରିବେ। (https://play.google.com/store/apps/details?id=com.lightening.live.damini)